୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Voö.26 . No.289 Bhubaneswar Wednesday January 01 2025 | ୨୬ତମ ବର୍ଷ ସଂଖ୍ୟା–୨୮୯ ଭୁବନେଶ୍ୱର, ବୁଧବାର, ଜାନୁଆରୀ ୦୧, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS













## ଶ୍ରଦ୍ଧାର ସହିତ ମସାଜ୍ ନେଉଥିଲେ, ଦଳକୁ ବୁଡାଇଦେଲେ ଏବେ ବ୍ୟକ୍ତିଙ୍କୁ ବୁଡାଇବେ: ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୩୧।୧୨(ପି.ଏନ): କିଛିଦିନର ନିରବତା ପରେ ପୁଣିଥରେ ଚର୍ଚ୍ଚାରେ ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ । ତାଙ୍କୁ କଡା ଭାଷାରେ ସିଧାସଳଖ ଆକ୍ଷେପ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ରାଜ୍ୟରେ ବିଭିନ୍ନ ପ୍ରସଙ୍ଗ ରହିଥିଲାବେଳେ କିଭଳି ଏକ ଅପ୍ରସଙ୍ଗକୁ ପ୍ରସଙ୍ଗ କରାଯାଉଛି ଓ ନବୀନ ନିବାସରେ ବସି ସନ୍ୟାସୀ ଭୈରବାନନ୍ଦ କିଭଳି ଏସବୁ କରାଉଛନ୍ତି ତା'ର ପେଡି ଖୋଲିଛନ୍ତି ସୂର୍ଯ୍ୟବଂଶୀ । ଦଳ(ବିଜେଡି)କୁ ବୁଡାଇ ସାରିଛନ୍ତି, ଏବେ ବ୍ୟକ୍ତିବିଶେଷଙ୍କୁ ବୁଡାଇବା ପାଇଁ ଲାଗିଛନ୍ତି ବୋଲି ସୂର୍ଯ୍ୟଂବଶୀ କଟାକ୍ଷ କରିଛନ୍ତି ।ଆଜି ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ସୂର୍ଯ୍ୟବଂଶୀ କହିଛନ୍ତି ଯେ, କଳିଙ୍ଗ ଷ୍ଟାଡିୟମର ଆଥଲେଟିକ୍ ଟ୍ରାକରେ ଗାଡି ପୁରାଇବାକୁ ସେ କେବେବି ଠିକ୍ କହିନାହାନ୍ତି । ପରିସ୍ଥିତି,ପଦମର୍ଯ୍ୟାଦାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସେ ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖିସାରିଛନ୍ତି । ଏକ ଅଭାବନୀୟ ପରିସ୍ଥିତିରେ ସେଦିନ ଟ୍ରାକରେ କାର ବୁଲି ଆସିଥିଲା । ତେବେ ଏଥିପାଇଁ ଟ୍ରାକ୍ କିଛିବି କ୍ଷତିଗ୍ରସ୍ତ ହୋଇନାହିଁ । ଏହାଛଡା ତାଙ୍କର ଅପରିପକ୍ୱତା ବୋଲି ଯେଉଁମାନେ କହୁଛନ୍ତି ତାକୁ ବି ସେ ସ୍ୱୀକାର କରୁଛନ୍ତି । କେହି ମା' ପେଟରୁ ପାଠ ପ଼ି ଆସିନଥାଏ । ୨୯ବର୍ଷ ବୟସରେ ଅପରିପକ୍ୱତାକୁ ଅସ୍ୱୀକାର କରିବାରେ କୁଣ୍ଠାବୋଧ କରୁନି । କିନ୍ତୁ ଯିଏ ରାଜ୍ୟସାରା ଷ୍ଟାଡିୟମଗୁଡିକରେ ପିଚ୍ ଉପରେ ହେଲିକପ୍ଟରକୁ ଓହ୍ଲାଉଥିଲେ ଓ ପଡିଆକୁ ନଷ୍ଟ କରୁଥିଲେ ତାଙ୍କର କେଉଁ ପରିପକ୍ୱତା ସେତେବେଳେ ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି ।









## ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନକଲି ଡାକ୍ତର ଗିରଫ

ପୁରୀ,୩୧।୧୨(ପି.ଏନ): ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନକଲି ଡାକ୍ତର ଗିରଫ । ଆପ୍ରୋନ ପିନ୍ଧି ଷ୍ଟେଥୋ ପକାଇ ୭ ଦିନ ହେଲା ୱାର୍ଡ ବୁଲୁଥିଲେ । ୱାର୍ଡରେ ରୋଗୀଙ୍କୁ ଦେଖୁଥିଲେ କିନ୍ତୁ ଔଷଧ ଲେଖୁ ନ ଥିଲେ ।ଅଭିଯୁକ୍ତର ବୟସ କମ୍ ହୋଇଥିବାରୁ ପ୍ରଥମେ ସନ୍ଦେହ କରିଥିଲେ ନର୍ସିଂ ଷ୍ଟାଫ୍ । ନର୍ସିଂ ଷ୍ଟାଫଙ୍କ ଅଭିଯୋଗ ପରେ ହିଁ ନକଲି ଡାକ୍ତରଙ୍କୁ ଗିରଫ କଲା ମେଡିକାଲ ଫାଣ୍ଡି ।ଗିରଫ ନକଲି ଡାକ୍ତର ପୁରୀସ୍ଥିତ ଏସସିଏସ୍ କଲେଜର ଯୁକ୍ତ ୨ ବିଜ୍ଞାନ ଛାତ୍ର ହୋଇଥିବା ଜଣାପଡିଛି ।ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରୁ ସମାନ ଘଟଣା ସାମ୍ନାକୁ ଆସିଥିଲା । ରୋଗୀ ମୃତ୍ୟୁ ନେଇ ଅଭିଯୋଗ ଆଣିଥିଲେ ପରିବାର ଲୋକେ । ଏହି ଘଟଣାରେ ପୋଲିସ ସମ୍ପୃକ୍ତ ନକଲି ଡାକ୍ତରଙ୍କୁ ଗିରଫ କରିଥିଲା ।














# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଢ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ପର୍ଯ୍ୟବେକ୍ଷକ ମହାନଗର














































# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ,ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା







ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶ୍ରୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନ୍‌ଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମୃତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଲାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଚ୍ଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତଉ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଇରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମ୍ବା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ ।

ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋଟିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ ।

ବରିଷ୍ଠ କଂଗ୍ରେସ ନେତା ଅଧାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତ୍ନପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସତ୍କାର

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମଶାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କୀୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ଜଗତସିଂହପୁର ଜିଲ୍ଲାର ଅନନ୍ୟ ସମାଜସେବା ପାଇଁ ଅଧ୍ୟାପକ ପ୍ରଦୀପ ଶତପଥୀଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ

ଜଗତସିଂହପୁର,(ପି ଏନ)ଉତ୍କୃଷ୍ଟ ଅଧ୍ୟାପନା, ପ୍ରକୃଷ୍ଟ ଅଧ୍ୟାତ୍ମ ଚେତନା, ବଳିଷ୍ଠ ସାହିତ୍ୟ ସାଧନା ତଥା ଏକନିଷ୍ଠ ମାନବ ଆରାଧନାର ନିଛକ ଉଦାହରଣ ହେଉଛନ୍ତି, ଜଗତସିଂହପୁର ଜିଲ୍ଲା, ବାଲିକୁଦା ବ୍ଲକ, ଅଲିକଣା ଗ୍ରାମର ପଣ୍ଡିତ ସୁଦର୍ଶନ ଶତପଥୀଙ୍କ ମଧ୍ୟମ ପୁତ୍ର, ବରିଷ୍ଠ ଅର୍ଥନୀତିଜ୍ଞ ଅଧ୍ୟାପକ ପ୍ରଦୀପ ଶତପଥୀ ।ଜଣେ ଛାତ୍ରବତ୍ସଳ ଅଧ୍ୟାପକ ସହିତ ନିରବଛିନ୍ନ ଭାବେ ଗରିବ ଛାତ୍ର ଛାତ୍ରୀଙ୍କୁ ନିଜ ଦରମାରୁ ସମ୍ପୂର୍ଣ୍ଣ ସାହାଯ୍ୟ କରିବା, ବିଭାଗର ଅତ୍ୟାବଶ୍ୟକତା ପୂରଣ କରିବା, ମହାବିଦ୍ୟାଳୟ ପାଇଁ ଆବଶ୍ୟକ ଖର୍ଚ୍ଚ କରିବା, ତାଙ୍କର ବୃତ୍ତି କ୍ଷେତ୍ରରେ ମହନୀୟତାର ପରିଚ୍ୟ ଦିଏ ।ନିଜର ପୈତୃକ ସ୍ଥାନ ବାଲିକୁଦା ବ୍ଲକର




ଅଲିକଣା ଗ୍ରାମରେ ବହୁବିଧ ସାଂସ୍କୃତିକ ଓ ଐଶ୍ୱରିକ କାର୍ଯ୍ୟ ପାଇଁ ଅକୁଣ୍ଠ ଚିତ୍ତରେ ସହଯୋଗ କରିବା, ତାଙ୍କର ମା ମାଟି ପ୍ରୀତିର ଜ୍ୱଳନ୍ତ ଉଦାହରଣ ଦିଏ ।ନିଜ ଜିଲ୍ଲାର ଅନେକ ଶିକ୍ଷାନୁଷ୍ଠାନରେ ପରିବେଶ ପ୍ରଦୂଷଣ ରୋକିବା ପାଇଁ ପ୍ରସ୍ତର ନିର୍ମିତ ବିଦ୍ୟାଦାତା ଗଣେଶ ଓ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ମୂର୍ତ୍ତି ପ୍ରଦାନ କରି, ନିଜକୁ ଜଣେ ଉତ୍ତମ ପ୍ରକୃତି ପ୍ରେମି ଭାବେ ସାବ୍ୟସ୍ତ କରିପାରିଛନ୍ତି ।ନିଜ ଜିଲ୍ଲାର ଶୈକ୍ଷିକ ବାତାବରଣ ପ୍ରଗତି ପାଇଁ ଅନେକ ପାଠାଗାରକୁ ସାହାଯ୍ୟ ଜାରିରହିଛି ।ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ଅନାଥ ଗରିବ କନ୍ୟା ମାନଙ୍କର ବିବାହ କାର୍ଯ୍ୟରେ ଆର୍ଥିକ ଓ ସାମାଜିକ ସାହାଯ୍ୟ କରି ଚାଲିଛନ୍ତି ।ରାଜ୍ୟ,ଦେଶ ତଥା ବିଦେଶରେ ଥିବା ଅନେକ ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ନିରନ୍ତର ସାହାଯ୍ୟ କରୁଛନ୍ତି ।ବିଶ୍ୱବିପତ୍ତି କରୋନା ସମୟରେ, ନିଜ ଜୀବନକୁ ବାଜି ଲଗାଇ, ସମଗ୍ର ରାଜ୍ୟରେ ୨୪ ଘଣ୍ଟିଆ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରି ବିରଳ ସମାଜସେବାର ଉଦାହରଣ ସୃଷ୍ଟି କରିଛନ୍ତି ।ଧର୍ମ ରକ୍ଷା ଅର୍ଥ ? ବିଭିନ୍ନ ସ୍ଥାନରେ ଗୀତା ଭାଗବତ ବଣ୍ଟନ ସହିତ ଆଧ୍ୟାତ୍ମିକ ପ୍ରଚାର ଓ ପ୍ରସାର କରି ଆସୁଛନ୍ତି ।ସମାଜ ଓ ସଂସ୍କୃତି ବିକାଶ ପାଇଁ ଭାଷା ସାହିତ୍ୟର ଉନ୍ନତି କଲ୍ପ ? ପାରମ୍ପରିକ ଢାଞ୍ଚାରେ ପଦ୍ୟ ଓ ଗଦ୍ୟ ସାହିତ୍ୟ ରଚନା କରିବା ସହିତ ବିଶେଷତଃ ଓଡିଆ ଭାଷାର ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛନ୍ତି ।ଦେଶ ଠାରୁ ବିଦେଶ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତିର ପ୍ରଚାର କରୁଛନ୍ତି ।ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦେବଭୂମି ହିମାଳୟର ଦିବ୍ୟ ଗୁରୁ ମାନଙ୍କ ଠାରୁ ନିୟମିତ ଆତ୍ମ ଜ୍ଞାନ ଆହରଣ କରି, ସମାଜରେ ଭୌତିକ ଦ୍ରବ୍ୟ ଠାରୁ ଅତିଭୌତିକ ଜ୍ଞାନ ବଣ୍ଟନ କରି ଚାଲିଛନ୍ତି ।ଏତାଦୃଶ ଅବର୍ଣ୍ଣନୀୟ ତଥା ମହାମାନବୀୟ ନିରନ୍ତର ଜ୍ଞାନ, ଦାନ, ଓ କର୍ମଯୋଗ ପାଇଁ ଆମେରିକାନ୍ ମେରିଟ୍ କାଉନସିଲ ତରଫରୁ ପ୍ରକୃତି ତଥା ମାନବବନ୍ଧୁ, ଜଗତସିଂହପୁର ଜିଲ୍ଲା, ବାଲିକୁଦା ମହାବିଦ୍ୟାଳୟର ଅର୍ଥନୀତି ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ ମହୋଦୟଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧିରେ ଭୂଷିତ କରାଯାଇଛି ।

# ପାରାଦୀପ ବଣିକ ସଙ୍ଘ ର ନବନିର୍ବାଚିତ କର୍ମକର୍ତ୍ତାଙ୍କ ପ୍ରଥମ ସାଧାରଣ ବୈଠକ

ପାରାଦୀପ,(ପି.ଏନ): ପାରାଦୀପ ପୋର୍ଟ ବଣିକ ସଂଘର ନବନିର୍ବାଚିତ କର୍ମକର୍ତ୍ତା ସାଧାରଣ ବୈଠକ ନୂତନ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ ଙ୍କ ସଭାପତିତ୍ୱ ରେ ସଙ୍ଘ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ଆସୁଥିବା ବଣିକ ସଙ୍ଘ ଓ ବ୍ୟବସାୟୀ ମାନଙ୍କ ସମସ୍ୟା ଦୂରୀକରଣ ନିମନ୍ତେ ବିଶେଷ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସଙ୍ଘର ଉପଦେଷ୍ଟା ତଥା ଜଣାଶୁଣା ସ୍ଥାନୀୟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଯୋଗଦେଇ ବ୍ୟବସାୟୀ ଙ୍କ ସମସ୍ୟା ଦୂରୀକରଣ ସମେତ ମାର୍କେଟ ର ଅତ୍ୟାବଶକୀୟ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱାରୋପ କରି ଏ ବାବଦରେ



କାର୍ଯ୍ୟ କରାଯିବା ନେଇ ସୂଚନା ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଅମୀୟ ପାଣି, ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର ଓ ଶିଶିର ନାୟକ, ସହସମ୍ପାଦକ ଶକ୍ତିକାନ୍ତ ଦାସ, କୋଷାଧ୍ୟକ୍ଷ ସୋମନାଥ ଖୁଣ୍ଟିଆଙ୍କ ସମେତ ଶତାଧିକ ବ୍ୟବସାୟୀ ଆଲୋଚନା ରେ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମନ୍ତବ୍ୟ ରଖିଥିଲେ ।








































# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନ୍ସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ନେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ତାଳଚେର ବଲ୍‌ହର ଛକ ରେ ଅଭିଯୋଗ ଶୁଣିଲେ ସାଂସଦ ରୁଦ୍ର ନାରାୟଣ ପାଣି

ତାଳଚେର,(ପି.ଏନ): ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମଙ୍ଗଳ ବାର ତାଳଚେର ଗସ୍ତ କରି ସାଧାରଣ ଲୋକଙ୍କ ର ଅଭିଯୋଗ ଶୁଣିବା ସହ ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗ ଦେଇଛନ୍ତି ।ତାଳଚେର ବଲ୍‌ହର ଛକ ରେ ପହଂଚିବା ପରେ ବିଜେପି କାର୍ଯ୍ୟକର୍ତା ଓ ଶତାଧିକ ଜନସାଧାରଣ ସାଂସଦ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେହି ବଲ୍‌ହର ଛକ ରେ ରାସ୍ତା କଡ଼ରେ ଏକ ଚ଼ାହା ଦୋକାନ ରେ ସାଧାରଣ ଲୋକଙ୍କର ଅଭିଯୋଗ ଶୁଣିଥିଲେ ।ସନ୍ଥପଡା, ଗୁରୁଜାଙ୍ଗୁଲି, ଭୋଗବେରିଣୀ, ବନ୍ତୋଲ ଓ ଜଗନ୍ନାଥ ପୁର ପଂଚାୟତ ଶତାଧିକ ଗ୍ରାମବାସୀ ସାଂସଦଙ୍କ ନିକଟରେ ବିଭିନ୍ନ ଆପତ୍ତି ଅଭିଯୋଗ କରିଥିଲେ ।ସମସ୍ତ ସମସ୍ୟା ଶୁଣି ତୁରନ୍ତ ସମାଧାନ କରିବା ପାଇଁ ବିଭିନ୍ନ ବିଭାଗ ର ଅଧିକାରୀ ମାନଙ୍କୁ ଫୋନ ଯୋଗେ ସାଂସଦ ଶ୍ରୀ ପାଣି ନିର୍ଦ୍ଦେଶ ଦେଇଥିଲେ ।ବନ୍ତୋଲ ରେଳ ଫାଟକ ଠାରେ ଅଣ୍ଡର ପାସ ବ୍ରିଜ ଓ ଜଳ ନିଷ୍କାସନ ପାଇଁ ବନ୍ତୋଲ ଗ୍ରାମ ସଭାପତି, ସମସ୍ତ ପଂଚ଼ାୟତ ସ୍ତରୀୟ ଜନ ପ୍ରତିନିଧି ମାନେ ଭେଟି ସାଂସଦ ଙ୍କୁ ଜଣାଇଥିଲେ । ସାଂସଦ ଉପ ଜିଲ୍ଲାପାଳ ତାଳଚେରଙ୍କ ସହ କଥା ହୋଇ ରେଲୱେ ବିଭାଗ ର ଅଧିକାରୀ ଙ୍କୁ ଡକାଇ ତ୍ୱରିତ ସମାଧାନ କରିବାକୁ କହିଥିଲେ ।ବନରପାଳ ଠାରୁ ଗୋଡ଼ିବନ୍ଧ ରାସ୍ତା ଅବସ୍ଥା କୁ ନେଇ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ଙ୍କ କଥା ହୋଇ ତୁରନ୍ତ ମରାମତି ସହ ୪ ଲାଇନ କାର୍ଯ୍ୟ କୁ ଶୀଘ୍ର କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଶ୍ରୀ ଜଗନ୍ନାଥ ପୁର ପଂଚ଼ାୟତ ରେ ଅବସ୍ଥିତ କାଳୀ ମନ୍ଦିର ର ଉର୍ନ୍ନତି କରଣ ପାଇଁ ଏନଟିପିସି ର ଜିଏମ ଙ୍କୁ ଫୋନ କରି ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଆସିଥିବା ଦରଖାସ୍ତକୁ ବିଭିନ୍ନ ବିଭାଗ କୁ ଲିଖିତ ଭାବେ ସମାଧାନ କରିବାକୁ ସାଂସଦ ଜଣାଇଥିଲେ ।ସନ୍ଥପଡା ଗ୍ରାମର କିଛିଦିନ ପୂର୍ବରୁ ଅକାଳ ମୃତ୍ୟୁ ବରଣ କରିଥିବା ବିଶ୍ୱନାଥ ଭୁକ୍ତା ଙ୍କ ଘରକୁ ଯାଇ ପରିବାର ଙ୍କୁ ଭେଟି ସାଂସଦ ସମବେଦନା ଜଣାଇଥିଲେ ।ଢେଙ୍କାନାଳ ସାଂସଦଙ୍କ ସହ ବିଜେପି ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ପ୍ରାକ୍ତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ସନ୍ଥପଡା ସରପଞ୍ଚ ସହଦେବ ସାହୁ, ଶିଖର ସାମଲ, ମହାଦେବ ଦାସ ଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ, ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧପରିକର

ଭୁବନେଶ୍ୱର, (ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି । ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି । ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି । ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ । ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକଗଛ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ । ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ ।


2024-2025

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Speciaö discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

Bhubaneswar Wednesday January 01 | ଭୁବନେଶ୍ୱର ବୁଧବାର, ଜାନୁଆରୀ ୦୧,୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com























## ଓଡିଶାରେ ମଣିପୁର୍ ମଡେଲ ଶାସନ ଚ଼ାଲିଛି : ଜୟଦେବ ଜେନା, ପୂର୍ବତନ ସଭାପତିଓଡିଶା ପ୍ରଦେଶ କଂଗ୍ରେସ କମିଟି

ଭୁବନେଶ୍ୱର,(ପି.ଏନ): ଆଜି ପ୍ରଦେସ କଂଗ୍ରେସ କମିଟିର ପୂର୍ବତନ ସଭାପତି ଶ୍ରୀ ଜୟଦେବ ଜେନା ଏକ ପ୍ରେସ୍ ବିଜ୍ଞାପ୍ତିରେ କହିଛନ୍ତି ଯେ, ଓଡିଶାରେ ମଣିପୁର ମଡେଲ୍‌ର ଶାସନ ଚ଼ାଲିଛି । ଶ୍ରୀ ଜେନା କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାରେ ଧର୍ମାନ୍ତରିକରଣର ମିଥ୍ୟା ଅଭିଯୋଗରେ ଯେପରି ଭାବେ ଦୁଇଜଣ ନିରୀହ ଆଦିବାସୀ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି ଏହା ଦୁର୍ଭାଗ୍ୟ ଜନକ । ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ମୁଖୁରା ଗ୍ରାମର ସୁକାନ୍ତି ସିଂ ଏବଂ ନିଳଗିରି ବ୍ଲକ ଅନ୍ତର୍ଗତ ମଖାପଦା ଗ୍ରାମର ସୁବାସୀନି ସିଂ ଙ୍କୁ ଯେଭଳି ଭାବରେ ଗଛରେ ବାନ୍ଧି ନିର୍ମମ ପ୍ରହାର କରାଗଲା ଏବଂ ତଳେ ଗଡେଇ ଗଡେଇ ଚ଼ପଲ ପାହାର ମରାଗଲା ଏହି କଥା ଏବେ ଦେଶ ବିଦେଶରେ ଚ଼ର୍ଚ୍ଚା ହେଉଛି ଏବଂ ଦୃଢ଼ ନିନ୍ଦା କରାଯାଉଛି । ଲୋକସଭାର ବିରୋଧି ଦଳ ନେତା ଶ୍ରୀ ରାହୁଲ ଗାନ୍ଧି ମଧ୍ୟ ଏହି ସଂକ୍ରାନ୍ତରେ ଗଭୀର କ୍ଷୌଭ ପ୍ରକାଶ କରିଛନ୍ତି ଏହି ଅଭାବନୀୟ ଘଟଣାର ସୁତ୍ରଧର ହେଉଛନ୍ତି ବାଦଲ ପଣ୍ଡା ଯିଏ କି, ସାଧାରଣ ଲୋକଙ୍କୁ ଉସୁକାଇ ଏବଂ ନିଜେ ଏହି ଅପରାଧ ଘଟାଇ ଥିଲେ । ବାଦଲ ପଣ୍ଡା ସେଠାରେ ସାଂସଦ ପ୍ରତାପ୍ ଷଡ଼ଙ୍ଗୀଙ୍କର ଡାହାଣ ହାତ ଭାବେ କାର୍ଯ୍ୟ କରୁଥିବାର ଅଭିଯୋଗ ହେଉଛି । ଧର୍ମାନ୍ତରିକରଣ ନାମରେ ଆଦିବାସୀ ମହିଳାଙ୍କୁ ଅତ୍ୟାଚ଼ାର କରାଗଲା ଏବଂ ଏ ସଂପର୍କରେ ଓଡିଶାର ମୁଖ୍ୟମନ୍ତ୍ରୀ ଯିଏକି ଜଣେ ଆଦିବାସୀ ସେ ମୁହଁ ଖୋଲିଲେ ନାହିଁ । ଦେଶର ମହାମହୀମ ରାଷ୍ଟ୍ରପତି ଯିଏ କି ଓଡିଶାର ଏବଂ ଆଦିବାସୀ ବର୍ଗର ଅଟନ୍ତି ସେ ମଧ୍ୟ ନୀରବ । ତେବେ ମୋହନ ସରକାର କ'ଣ ଓଡିଶାକୁ ମଣିପୁର କରିବାକୁ ଚ଼ାହୁଁଛନ୍ତି କି? ପ୍ରତାପ ଷ ?ଙ୍ଗୀ ମଧ୍ୟ ଏଭଳି ଅପରାଧିକ ଘଟଣା ପାଇଁ ଚ଼ର୍ଚ୍ଚାରେ ରୁହନ୍ତି । ସେ ସବୁବେଳେ ନିଜର ରାଜନୈତିକ ଫାଇଦା ପାଇଁ ସଂଖ୍ୟାଲଘୁ ସଂପ୍ରଦାୟ ଉପରେ ଆକ୍ରମଣ କରି ଚ଼ର୍ଚ୍ଚାରେ ରୁହନ୍ତି । ଗ୍ରାହାମ୍ ଷ୍ଟେନ୍ ହତ୍ୟାକାଣ୍ଡ ଘଟଣାରେ ପ୍ରତାପ ଷଡ଼ଙ୍ଗୀ ତଦନ୍ତ ପରିସରଭୁକ୍ତ ଥିଲେ । ନୀଳଗିରି ଓ ରେମୁଣାରେ ବାଦଲ ପଣ୍ଡା ସାଂସଦ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚ଼ାର କରୁଛି । ଓଡିଶାରେ ସଂଖ୍ୟାଲଘୁ ମାନେ ମୋହନ ସରକାରରେ ଆତଙ୍କିତ ଅନ୍ୟ ପକ୍ଷରେ ଆଦିବାସୀ ଓ ଦଳିତ ମହିଳା ମାନେ ମଧ୍ୟ ଏହି ସରକାରରେ ଅସୁରକ୍ଷିତ ।
















Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray